## ସଂକ୍ଷେପରେ

### ୩ ବଖରା ଜଳିଗଲା, ୪ ଛେଳି ଦଗ୍ଧ



**ଦିଗପହଣ୍ଡି,୧୧।୧୧(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ଗଡ ସାମନ୍ତରାପୁର ଗାଁରେ ସୋମବାର ଅପରାହ୍ନ ସାଢ଼େ ୩ ଟାରେ ଅଗ୍ନିକାଣ୍ଡ ଘଟି କ୍ରିଷ୍ଣା ପାତ୍ର ଓ ନାଇନା ଗୌଡଙ୍କ ୩ ବଖରା ଜଳିଯାଇଛି। ଅଗ୍ନିକାଣ୍ଡରେ ୪ ଛେଳି ଜୀବନ୍ତ ଦଗ୍ଧ ହୋଇଥିବା ଜଣାପଡିଛି। ଦିଗପହଣ୍ଡି ଅଗ୍ନିଶମ ଅଧିକାରୀ ବିଜୟ କୁମାର ନାୟକ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ୨ ପରିବାରର ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। କାର୍ତ୍ତିକ ସୋମବାର ଥିବାରୁ ପରିବାର ଲୋକେ ଗାଁ ନିକଟ ଉଜ୍ଜଳେଶ୍ୱର ଶୈବପୀଠକୁ ଚାଲିଯାଇଥିବାବେଳେ ଅଗ୍ନିକାଣ୍ଡ ଘଟିଥିଲା।

### ■ସରୁନି ଓଡିଆରପି ଡ୍ରେନ୍, ରାସ୍ତା କାର୍ଯ୍ୟ

# ବିପଦସଙ୍କୁଳ ପ୍ରେମନଗର ମୁଖ୍ୟରାସ୍ତା

**ବ୍ରହ୍ମପୁର ଅଫିସ,୧୧।୧୧**



ଗାତରେ ଓଲଟି ପଡିଥିବା ବିଏମ୍‌ସି ଗାଡି ।

■ଡ୍ରେନ୍‌ରେ ପଶିଲା ବିଏମ୍‌ସିର ଗାଡ଼ି

■ଗାତ ଖୋଳାକୁ ବିତିଲା ୬ ମାସ

■ଡ୍ରେନ୍ ନିର୍ମାଣରେ ଅବହେଳା ଅଭିଯୋଗ

ବ୍ରହ୍ମପୁର ସହରକୁ ସବୁଜ, ସୁନ୍ଦର ସହ ସ୍ମାର୍ଟ ସିଟିରେ ପରିଣତ କରିବାକୁ ନେଇ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ବହୁ ପଦକ୍ଷେପ ଗ୍ରହଣ କରାଯାଉଛି। ରାସ୍ତା, ଡ୍ରେନ୍ ମରାମତି ଦିଗରେ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି । ବିଶେଷ କରି ଓଡିଆର୍‌ପି(ଓଡିଶା ବିପର୍ଯ୍ୟୟ ଥଇଥାନ ପ୍ରକଳ୍ପ)ରେ ନିର୍ମିତ ହେବାକୁ ଥିବା ସବରେଜିଷ୍ଟ୍ରାର ଅଫିସରୁ ପ୍ରେମନଗର ମୁଖ୍ୟରାସ୍ତା ଦେଇ ଆମ୍ବମାର୍କେଟ ପର୍ଯ୍ୟନ୍ତ ଡ୍ରେନ୍ ଓ ରାସ୍ତା ନିର୍ମାଣରେ ବିଳମ୍ବ ଯୋଗୁ ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ଅନେକ ସମୟରେ ଯାତାୟାତ ବେଳେ ଯାନବାହନ, ଶିଶୁ ଓ ଅଞ୍ଚଳବାସୀ ଡ୍ରେନ୍ ପାଇଁ ଖୋଳା ଯାଇଥିବା ଗାତରେ ପଡି ଆହତ ହେଉଛନ୍ତି। ସୋମବାର ବିଏମ୍‌ସିର ଗାଡି (ନଂ-ଓଡି୦୭ଏସ୬୮୬୯) ଖୋଳାଯାଇଥିବା ଗାତରେ ଓଲଟି ପଡିଥିବା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ, ପ୍ରେମନଗର ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ପାଇଁ ୬ ମାସ ପୂର୍ବରୁ ଜବରଦଖଲ ଉଚ୍ଛେଦ କରାଯିବା ସହ ପ୍ରାୟ ୫ ରୁ ୬ ଫୁଟ ଗାତ ଖୋଳାଯାଇଥିଲା। କିନ୍ତୁ ଏଯାଏ ତାର କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ଗାତଟି ଏବେ ଅଞ୍ଚଳବାସୀଙ୍କ ପାଇଁ ବିପଦ ସୃଷ୍ଟି କରିଛି । ମୁଖ୍ୟରାସ୍ତା ପାର୍ଶ୍ୱରେ ବାସ କରୁଥିବା ପରିବାର ବର୍ଗଙ୍କୁ ନିଜ ଘରକୁ ଯିବାକୁ କାଠ, ବାଉଁଶର ସାହାରା ନେବାକୁ ପଡୁଛି। ଅନେକ ସମୟରେ ଲୋକେ ଗାତରେ ପଡି ଆହତ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେହିପରି ପ୍ରେମନଗର ମୁଖ୍ୟରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ଲୋକେ କହିଛନ୍ତି। ପ୍ରେମନଗର ଡ୍ରେନ୍ ଓ ରାସ୍ତା ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି । ସେହିପରି ଖାଲରେ ଗାଡି ଡ୍ରାଇଭର ଭାରସାମ୍ୟ ହରାଇବା ଯୋଗୁ ଓଲଟି ପଡିଥିଲା। ତେବେ ଖବର ମିଳିବା ପରେ କ୍ରେନ ଦ୍ୱାରା ବାହାର କରାଯାଇଥିବା କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର କହିଛନ୍ତି । ଏଥିସହ ବର୍ତ୍ତମାନ ଓଡିଆରପିରେ ଚାଲିଥିବା ସବରେଜିଷ୍ଟ୍ରାର ଅଫିସରୁ ପ୍ରେମନଗର ଦେଇ ଆମ୍ବମାର୍କେଟ ପର୍ଯ୍ୟନ୍ତ ରାସ୍ତା ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଆସନ୍ତା ମାର୍ଚ୍ଚ ସୁଦ୍ଧା ଶେଷ ହେବ ବୋଲି କମିଶନର ସୂଚାଇଛନ୍ତି ।

### ■କାର୍ତ୍ତିକ ଶେଷ ସୋମବାର

# ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼



ପାଣି ମହାପ୍ରଭୁଙ୍କ ଦର୍ଶନ ପାଇଁ ମହିଳାଙ୍କ ଭିଡ଼।

**ବ୍ରହ୍ମପୁର ଅଫିସ,୧୧।୧୧**

କାର୍ତ୍ତିକ ଶେଷ ସୋମବାରରେ ବ୍ରହ୍ମପୁରର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଗହଳି ହୋଇଥିଲା ।

ନୀଳକଣ୍ଠେଶ୍ୱର, କପିଳେଶ୍ୱର, ବାଲୁଙ୍କେଶ୍ୱର, ମୁକ୍ତେଶ୍ୱର, ଗୋକର୍ଣ୍ଣେଶ୍ୱର, ଗୋଷାଣୀନୂଆଗାଁ ଉତ୍ତରେଶ୍ୱର, ଲାଞ୍ଜିପଲ୍ଲୀର ମାର୍କଣ୍ଡେଶ୍ୱର, ଲୋଚାପଡ଼ାର ଗଙ୍ଗାଧରେଶ୍ୱର (ପାଣି ମହାପ୍ରଭୁ) ହଳଦିଆପଦର ଷଣ୍ଢେଶ୍ୱର, ଚନ୍ଦ୍ରକକ୍ଷେଶ୍ୱର, ପୁରୁଣା ବ୍ରହ୍ମପୁରର ଚନ୍ଦ୍ରଶେଖର, କମାପଲୀ ବୈଦ୍ୟନାଥେଶ୍ୱର, ଲାଠିର ଅଷ୍ଟଶମ୍ଭୁ ମହାଦେବ, ଗୋଳନ୍ଥରା ଈଶାଣେଶ୍ୱର, ଖଜୁରିଆର ଚନ୍ଦ୍ରଚୁଡ଼େଶ୍ୱର (ସ୍ୱଟିକ ଲିଙ୍ଗ) ସମେତ ଅନ୍ୟ ମନ୍ଦିରଗୁଡିକରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଦର୍ଶନ ପାଇଁ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗିଥିଲା ।

ଶିଳ୍ପାଞ୍ଚଳ ଛକସ୍ଥ ସକଳେଶ୍ୱର ପୀଠରେ ଶେଷ ସୋମବାର ଭୋରରୁ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା। କାର୍ତ୍ତିକ ପୂର୍ଣ୍ଣିମା ସକାଳ ପର୍ଯ୍ୟନ୍ତ ନାମଯଜ୍ଞ ବ୍ୟବସ୍ଥା ହୋଇଥିଲା। ଗୋଳାବନ୍ଧ ଧବଳେଶ୍ୱର ପୀଠରେ ବାବାଙ୍କ ଦର୍ଶନ ପାଇଁ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଭକ୍ତଙ୍କ ସମାଗମ ହୋଇଥିଲା ।

# ସିସିଟିଏନ୍ ମାଧ୍ୟମରେ ପୋଲିସର ସଚେତନତା

**ପୁରୁଷୋତ୍ତମପୁର, ୧୧।୧୧(ଡି.ଏନ.ଏ.)** ପୁରୁଷୋତ୍ତମପୁର ପୋଲିସ ପକ୍ଷରୁ ପ୍ରଥମ କରି ଅଭିନବ ଭାବେ ସିସିଟିଏନ୍ ମାଧ୍ୟମରେ ଜନସାଧାରଣଙ୍କ ମୋବାଇଲ ଫୋନକୁ ମେସେଜ୍ କରି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏଟିଏମ୍ ଠକେଇରୁ ସୁରକ୍ଷା ପାଇବାକୁ ନେଇ ଜନସାଧାରଣଙ୍କୁ ବିଭିନ୍ନ ପ୍ରକାର ସୂଚନା ମୋବାଇଲକୁ ମେସେଜ ମାଧ୍ୟମରେ ଦିଆଯାଇଛି। କୌଣସି ଅଜଣା ବ୍ୟକ୍ତି ବ୍ୟାଙ୍କ କର୍ତ୍ତୃପକ୍ଷ ପରିଚୟ ଦେଇ ଫୋନ କଲେ କିଛି ତଥ୍ୟ ପ୍ରଦାନ ନ କରି ତୁରନ୍ତ ଥାନାକୁ ଫୋନ କରି ଜଣାଇବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ଏହାକୁ ନେଇ ଆଇଆଇସି ଜଗନ୍ନାଥ ମଲ୍ଲିକ କହିଛନ୍ତି, ଏହି କାର୍ଯ୍ୟକ୍ରମ ଦ୍ୱାରା ଲୋକେ ଅଧିକ ସଚେତନ ହୋଇପାରିବେ ବୋଲି ଆଶା କରୁଛି। ଏଭଳି ପ୍ରତ୍ୟେକ ସରକାରୀ କାର୍ଯ୍ୟକ୍ରମ ଓ ଜନହିତକର ଆଇନ, ଗୁଣି ଗାରେଡି ଅନ୍ଧବିଶ୍ୱାସ, ବରିଷ୍ଠ ନାଗରିକ, ମହିଳା ଓ ଶିଶୁଙ୍କ ସୁରକ୍ଷା, ଟ୍ରାଫିକ ନିୟମ ସମ୍ପର୍କରେ ମଧ୍ୟ ଜନସାଧାରଣଙ୍କ ମୋବାଇଲ ଫୋନକୁ ମେସେଜ୍ କରି ସଚେତନତା କାର୍ଯ୍ୟକ୍ରମ ଜାରି ରହିବ ବୋଲି ଆଇଆଇସି କହିଛନ୍ତି।



କେଦାର ବ୍ରତ ପାଇଁ ମହିଳାମାନେ ବ୍ରତ କିଣୁଛନ୍ତି ।(ଫଟୋ: ସମୀର)

# ରାସ୍ତା ବନ୍ଦକୁ ନେଇ ଅସନ୍ତୋଷ



ରାସ୍ତା ଉପରେ କାନ୍ଥ ନିର୍ମାଣ କରାଯାଉଛି ।

**ବ୍ରହ୍ମପୁର ଅଫିସ,୧୧।୧୧**

ଗଜପତିନଗରକୁ ବଡ଼ ମେଡ଼ିକାଲ୍ ସହ ସଂଯୋଗ ହୋଇଥିବା ରାସ୍ତାକୁ ବନ୍ଦକରି ଦିଆଯାଇଛି । ସୋମବାର ଅଚାନକ ମେଡ଼ିକାଲ୍ କର୍ତ୍ତୃପକ୍ଷ ଏହି ରାସ୍ତା ବନ୍ଦକରି ଦେଇଛନ୍ତି। ଏହାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ କହିବାନୁଯାୟୀ, ସର୍ବସାଧାରଣ, ଆମ୍ବୁଲାନ୍ସ, ଡାକ୍ତର, ଷ୍ଟାଫ ନର୍ସ, ରୋଗୀମାନେ ଜରୁରି ସମୟରେ ମେଡିକାଲ ଯିବା ଆସିବା କରିବା ପାଇଁ ଏହି ରାସ୍ତା ବ୍ୟବହାର କରୁଥିଲେ। କିନ୍ତୁ ଅଚାନକ ଏହାକୁ ବନ୍ଦକରି ଦିଆଯାଇଛି। ପୂର୍ବରୁ ବ୍ରହ୍ମପୁର ମହାନଗର ନିଗମ ଆଦେଶ ଅନୁଯାୟୀ, ଗଜପତି ନଗରର ଦୈନନ୍ଦିନ ବାହାରୁଥିବା ସମସ୍ତ ବର୍ଜ୍ୟବସ୍ତୁ ମେଡିକାଲ ପଏଣ୍ଟରେ ପକାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଣୁ ଏହି ରାସ୍ତାକୁ ବ୍ୟବହାର କରାଯାଉଥିଲା । କିନ୍ତୁ ଉକ୍ତ ରାସ୍ତା ବନ୍ଦ ହୋଇଯାଇଥିବା ଯୋଗୁ ବର୍ଜ୍ୟବସ୍ତୁ କେଉଁଠାରେ ପଡ଼ିବ ନିର୍ଦ୍ଧାରିତ ହୋଇନାହିଁ । ପୁଣି ଗଜପତି ନଗରର ପଞ୍ଚମ ଲେନ୍‌ର ମୁଖ୍ୟ ରାସ୍ତା ଉପରେ ପଡିବା ଏକ ପ୍ରକାର ନିଶ୍ଚିତ ହୋଇଛି। ସ୍ଥାନୀୟ ଅଞ୍ଚଳ ବାସୀ, ଛୋଟ ଛୁଆ, ବରିଷ୍ଠ ନାଗରିକମାନେ ଆବର୍ଜନା ଯୋଗୁ ରୋଗରେ ପଡ଼ିବେ । ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ଦେଖିବାକୁ ମିଳିଛି । ଏ ସମ୍ପର୍କରେ ଗଜପତି ନଗର ଉନ୍ନୟନ ସମିତି ଏବଂ ଅଞ୍ଚଳବାସୀଙ୍କ ତରଫରୁ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ସହ ଆଲୋଚନା କରାଯାଇଛି। ତୁରନ୍ତ ରାସ୍ତା ଉପରେ କାନ୍ଥ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ୧୨୫ତମ ପ୍ରତିଷ୍ଠା ଦିବସ ପାଳନ ପ୍ରସ୍ତୁତି

**ବ୍ରହ୍ମପୁର ଅଫିସ,୧୧।୧୧**

ଆସିକା ରୋଡ୍‌ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୨୫ତମ ପ୍ରତିଷ୍ଠା ଦିବସ ପାଳନ କରାଯିବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ପୁରାତନ ଛାତ୍ର ରାଜେଶ କୁମାର ତାରିଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଆସନ୍ତା ବର୍ଷ ମେ'ରେ ପ୍ରତିଷ୍ଠା ଦିବସ ପାଳନ ପାଇଁ ଲକ୍ଷ୍ୟ ରଖାଯାଇଛି । ଏଥି ପାଇଁ ପ୍ରଧାନ ଶିକ୍ଷୟିତ୍ରୀ କାମିନୀ ପାଠୀଙ୍କ ପରିଚାଳନାରେ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ବଲ୍ଲଭଚନ୍ଦ୍ର ପାଣିଗ୍ରାହୀ, ଉପସଭାପତି ବିଶ୍ୱନାଥ ଜେନା, ସାଧାରଣ ସମ୍ପାଦକ ରାଜେଶ କୁମାର ତାରିଣୀ, କୋଷାଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ସଂଯୋଜକ ସନାତନ ସାହୁ, ସୂର୍ଯ୍ୟନାରାୟଣ ସେନାପତି, ସୀମାଞ୍ଚଳ ସାହୁ, ଗୌରୀଶଙ୍କର ସାହୁ, ରାଜା ବେହେରା, ଶିବ ଶଙ୍କର ସାହୁ, କିରଣ କୁମାର ସାହୁ, ସୂର୍ଯ୍ୟ କୁମାର ଆଚାର୍ଯ୍ୟ, ବିକାଶ କୁମାର ମହାରଣା, ହିସାବ ସମୀକ୍ଷକ ଚିତ୍ତରଞ୍ଜନ ପାଠୀ, କାର୍ଯ୍ୟକାରୀ ସଦସ୍ୟ ଅରୁଣ କୁମାର ପାଢ଼ୀ, ଅନନ୍ତ ବାସୁଦେବ ଆଚାର୍ଯ୍ୟ, କାଳିଆ ସାହୁ, ମହେଶ୍ୱର ସେଠୀ, ରାଜେନ୍ଦ୍ର ରଥ, ସୀମାଞ୍ଚଳ ପଣ୍ଡା, ହେମନ୍ତ କୁମାର ସାହୁ, ଶରତ ଚନ୍ଦ୍ର ରଥ ଓ ରବି ନାରାୟଣ ମହାରଣାଙ୍କୁ ମନୋନୀତ କରାଯାଇଥିଲା। ଏଥି ସହ ପୂର୍ବତନ କର୍ପୋରେଟର ରାକେଶ କୁମାର ସାହୁ, ପୂର୍ବତନ ଉପନଗରପାଳ ନିରଞ୍ଜନ ଜେନା, ପୂର୍ବତନ କର୍ପୋରେଟର୍ ପ୍ରମୋଦ କୁମାର ଜେନାଙ୍କୁ ଉପଦେଷ୍ଟା ଭାବେ ରଖାଯାଇଛି । ନୂତନ କର୍ମକର୍ତ୍ତାମାନେ ପ୍ରତିଷ୍ଠା ଦିବସ ପାଳନ ପାଇଁ ଏମ୍‌ପି ଚନ୍ଦ୍ରଶେଖର ସାହୁ ଏବଂ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଆସନ୍ତା ୨୩ ତାରିଖରେ ଏକ ଅଭ୍ୟର୍ଥନା କମିଟି ଗଠନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏମ୍‌ପି ସାହୁ ପାଣ୍ଠି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ।

### ମହାନଗର ପୁସ୍ତକମେଳା ଚତୁର୍ଥ ସନ୍ଧ୍ୟା

# ସମାଜ ବିକାଶରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବ୍ରହ୍ମପୁର ଅଫିସ,୧୧।୧୧**

ଗଞ୍ଜାମ ଜିଲା ପୁସ୍ତକମେଳା କମିଟି ପକ୍ଷରୁ ଖଲ୍ଲିକୋଟ କଲେଜ ଖେଳ ପଡିଆରେ ଚାଲିଥିବା ମହାନଗର ପୁସ୍ତକମେଳା ସୋମବାର ଚତୁର୍ଥ ଦିବସରେ ପହଞ୍ଚିଛି । ସନ୍ଧ୍ୟାରେ ଶିକ୍ଷା ଓ ତାର ସାମାଜିକ ପ୍ରଭାବ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହାକୁ ଗଞ୍ଜାମ ଜିଲା ଶିକ୍ଷାଧିକାରୀ ଡ. ସନାତନ ପଣ୍ଡା ଉଦ୍‌ଘାଟନ କରିବା ସହ ସମାଜର ବିକାଶରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ସରକାର ଶିକ୍ଷାର ବିକାଶ ଲାଗି ବହୁ ଯୋଜନା ହାତକୁ ନେଇଛନ୍ତି । ଏହା ଛାତ୍ରୀଛାତ୍ରଙ୍କ ଜ୍ଞାନ ବଢାଇବାରେ ସହାୟକ ହୋଇଛି ବୋଲି ଜିଲା ଶିକ୍ଷାଧିକାରୀ ପଣ୍ଡା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଜପତିନଗର ଶିଶୁ ବିଦ୍ୟାମନ୍ଦିର ସଭାପତି ଅଭି ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ପୁସ୍ତକମେଳାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । କବି କପିଳ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୀଳକଣ୍ଠନଗର ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଉମା ମାଧବ ମହାନ୍ତି, ସମାଜିକକର୍ମୀ ସନ୍ତୋଷ ସୁବୁଦ୍ଧି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୁସ୍ତକମେଳା କମିଟି ଅଧ୍ୟକ୍ଷ ସୁଶାନ୍ତ ଦାଶ ସ୍ୱାଗତ ଭାଷଣ ଦେଇଥିଲେ । ଛତ୍ରପୁର ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଳା ହୋତାଙ୍କୁ ପୁସ୍ତକ ମେଳା ଶିକ୍ଷା ସେବା ସମ୍ମାନ ପ୍ରଦାନ କରାଯାଇଥିଲା । ଏହାକୁ ନୀହାର ରଞ୍ଜନ ଦାଶ, ବାଲ୍ମୀକି ମହାପାତ୍ର, ଦୀପ୍ତିମିତା ମହାପାତ୍ର ଓ ବିକାଶ ରଞ୍ଜନ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଜିତ କୁମାର ସାବତ ଧନ୍ୟବାଦ ଦେଇଥିଲେ ।




ମଞ୍ଚାସୀନ ଅତିଥି ।

# ଘରୋଇଠାରୁ ସରକାରୀ ସ୍କୁଲର ଚାହିଦା ବଢୁଛି

**ବ୍ରହ୍ମପୁର ଅଫିସ,୧୧।୧୧**

**ହିଲ୍‌ପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**



ପ୍ରଧାନ ଶିକ୍ଷକଙ୍କ ସହ ଘରୋଇ ସ୍କୁଲରୁ ଆସି ନାମ ଲେଖାଇଥିବା ଛାତ୍ରୀଛାତ୍ରମାନେ ।

■ନାମ ଲେଖାଇଲେଣି ୬୮ ଛାତ୍ରୀଛାତ୍ର

ବ୍ରହ୍ମପୁର ସହରର ବିଭିନ୍ନ ଇଂଲିଶ ମାଧ୍ୟମ ସ୍କୁଲରେ ପଢୁଥିବା କେତେକ ଛାତ୍ରୀଛାତ୍ରମାନଙ୍କ ଠିକଣା ଏବେ ବଦଳି ଯାଇଛି। ସେମାନଙ୍କ ନୂଆ ଠିକଣା ହେଲା ହିଲ୍‌ପାଟଣା ସରକାରୀ ଉଚ୍ଚ ବିଦ୍ୟାଳୟ। ଏମାନଙ୍କ ଭଳି ୧୫ ସ୍କୁଲର ୬୮ ଛାତ୍ରୀଛାତ୍ର ଏବେ ଘରୋଇ ସ୍କୁଲରୁ ଆସି ଏଠାରେ ପଢୁଛନ୍ତି । ବ୍ରହ୍ମପୁରରେ ଥିବା ପୁରାତନ ସ୍କୁଲ ମଧ୍ୟରୁ ଅନ୍ୟତମ ହେଲା ହିଲ୍‌ପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ପୂର୍ବରୁ ଏହି ସ୍କୁଲ ଭାଙ୍ଗିରୁଜି ଯାଇଥିଲା । ଗତ କିଛି ବର୍ଷ ହେଲା ଏହାର ବିକାଶ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ବିଭାଗ ତରଫରୁ ଯେମିତି ପାଣ୍ଠି ଯୋଗାଇ ଦିଆଯାଇଛି, ଶିକ୍ଷକମାନେ କ୍ୟାମ୍ପସ୍ ସଜାଡ଼ିବାରେ ଦାୟିତ୍ୱ ନେଇଛନ୍ତି। ପ୍ରଧାନ ଶିକ୍ଷକ ରାଧାବଲ୍ଲଭ ପଟ୍ଟନାୟକ କହିଛନ୍ତି, ପରିବେଶ ଯଦି ଠିକ୍ ନ ଥିବ, ଭଲ ପାଠ ପଢ଼ାଇଲେ ମଧ୍ୟ ଫଳ ମିଳିବ ନାହିଁ। ଏଣୁ ପ୍ରଥମେ ପରିବେଶ ସଜାଡ଼ିବାକୁ ପଦକ୍ଷେପ ନିଆଗଲା। ସଫେଇ ଅଭିଯାନରେ କ୍ୟାମ୍ପସ୍ ପରିଷ୍କାର କରାଗଲା। ଭିନ୍ନ ଉପାୟରେ ଶିକ୍ଷାଦାନ କରାଗଲା। ଯେମିତି କାନ୍ଥରେ ସାଧାରଣ ଜ୍ଞାନ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ଏବଂ ଉତ୍ତର ଲେଖାଗଲା। ଶିକ୍ଷଣୀୟ ଗଳ୍ପଗୁଡ଼ିକୁ କାନ୍ଥରେ ଚିତ୍ର ମାଧ୍ୟମରେ ପ୍ରଦର୍ଶିତ, ବଗିଚାରେ ବିଭିନ୍ନ ପ୍ରକାର ଫୁଲ ଏବଂ ଔଷଧୀୟ ଚାରା ରୋପଣ କରାଗଲା। ଉପସ୍ଥାନ ବଢ଼ାଇବା ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯିବାରୁ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବଢ଼ିଲା। ସ୍କୁଲର ସବୁ କାନ୍ଥରେ ଶିକ୍ଷଣୀୟ ଚିତ୍ର ଅଙ୍କନ କରାଯାଇଛି । 'ତଳେ ବସିବାକୁ ନା' ଯୋଜନାରେ ସବୁ ଛାତ୍ରୀଛାତ୍ରଙ୍କ ପାଇଁ ଚୌକି ପକାଯାଇଛି। କ୍ୟାମ୍ପସ୍ ସଫା ପାଇଁ ସ୍ୱତନ୍ତ୍ର କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଛାତ୍ରୀଛାତ୍ରଙ୍କୁ ମାଗଣାରେ ନୃତ୍ୟ, ସଂଗୀତ ଏବଂ ଚିତ୍ରାଙ୍କନ ତାଲିମ୍ ଦିଆଗଲା। ସ୍ମାର୍ଟ କ୍ଲାସ୍‌ରେ ପ୍ରୋଜେକ୍ଟର ଦ୍ୱାରା ପାଠ ପଢ଼ାଯାଉଛି ।

ପରିବେଶ ସୁଧାରିବା ପରେ ପ୍ରଭାବ ଦେଖିବାକୁ ମିଳିଲା। ଏହା ଛାତ୍ରୀଛାତ୍ରଙ୍କ ଉପରେ ପଡ଼ିଲା। ସେମାନେ ପରୀକ୍ଷାରେ ଭଲ କଲେ। ଏଣୁ ଅନ୍ୟ ଅଭିଭାବକମାନେ ମଧ୍ୟ ଏହି ସ୍କୁଲ ପ୍ରତି ଆକର୍ଷିତ ହେଲେ। ୨୦୧୭-୧୮ରେ ଉପସ୍ଥାନ ବଢ଼ାଇବା ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେଲା। ସ୍କୁଲର ସକରାତ୍ମକ ଛବି ଉପସ୍ଥାପନ କରୁଥିବା ଲିଫ୍‌ଲେଟ୍ ବଣ୍ଟା ଗଲା। ଶିକ୍ଷକମାନେ ପାଖ ସାହିଗୁଡ଼ିକୁ ଯାଇ ଅଭିଭାବକଙ୍କ ସହ କଥା ହେଲେ। ଯେଉଁମାନେ ପିଲାଙ୍କୁ ବିଭିନ୍ନ ଘରୋଇ ସ୍କୁଲରେ ପଢ଼ାଉଥିଲେ, ସେମାନେ ଏହି ସ୍କୁଲ ପ୍ରତି ଆଗ୍ରହୀ ହେଲେ। ପ୍ରଥମ ବର୍ଷ ବିଭିନ୍ନ ଘରୋଇ ସ୍କୁଲର ମାତ୍ର ୯ ଛାତ୍ରୀଛାତ୍ର ଏଠାରେ ନାମ ଲେଖାଇଲେ । ତଥାପି ଉଦ୍ୟମ ଜାରି ରହିଥିଲା। ୨୦୧୮-୧୯ ଶିକ୍ଷା ବର୍ଷରେ ସେଭଳି ୭ ଛାତ୍ରୀଛାତ୍ର ନାମ ଲେଖାଇଥିଲେ । ୨୦୧୯-୨୦ଶିକ୍ଷାବର୍ଷରେ ପରିବର୍ତ୍ତନ ଦେଖିବାକୁ ମିଳିଲା। ୫୨ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ବର୍ତ୍ତମାନ ସୁଦ୍ଧା ୧୫ ସ୍କୁଲରୁ ମୋଟ ୬୮ ଛାତ୍ରୀଛାତ୍ର ଆସି ଏଠାରେ ପଢୁଛନ୍ତି। ସେଥିରେ ୩୪ ଛାତ୍ରୀ ଏବଂ ୩୪ ଛାତ୍ର ରହିଛନ୍ତି ।

ଏମାନଙ୍କ ମଧ୍ୟରୁ ଅନେକ ଛାତ୍ରୀଛାତ୍ର ପୂର୍ବରୁ ଇଂଲିଶ ମାଧ୍ୟମରେ ପଢୁଥିଲେ। ସେମାନଙ୍କ ଓଡ଼ିଆ ଜ୍ଞାନ ଦୁର୍ବଳ ଥିଲା। ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ରଥ ସାଢ଼େ ୪ଟା ପରେ ଏମାନଙ୍କୁ ଓଡ଼ିଆ ପଢ଼ାଇଲେ। ବର୍ତ୍ତମାନ ସେମାନେ ସହଜରେ ଓଡ଼ିଆ ଲେଖି ପଢ଼ି ପାରୁଛନ୍ତି । 'ମୋ ସ୍କୁଲ ଅଭିଯାନ'ରେ ପୁରାତନ ଛାତ୍ରୀଛାତ୍ରମାନେ ସ୍କୁଲର ବିକାଶ ପାଇଁ ଚାନ୍ଦା ଦେଉଛନ୍ତି। ଆହୁରି ଉପସ୍ଥାନ ବଢିବ ବୋଲି ପ୍ରଧାନଶିକ୍ଷକ ପଟ୍ଟନାୟକ ଆଶାପ୍ରକଟ କରିଛନ୍ତି।

## ବିଦ୍ୟାଳୟ ଶତବାର୍ଷିକୀ ସମାରୋହ ପ୍ରସ୍ତୁତି

**ଦିଗପହଣ୍ଡି,୧୧।୧୧(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ କୈଠଖଣ୍ଡି ପଞ୍ଚାୟତ ମଧୁବନ ପ୍ରାଥମିକ ବିଦ୍ୟାଳୟ ଶତବାର୍ଷିକୀ ସମାରୋହ ଉଦ୍‌ଯାପନୀ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଦୃଷ୍ଟିହୀନ ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ତଥା ପ୍ରାକ୍ତନ ଛାତ୍ର ବିଜୟ କୁମାର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବହୁସଂଖ୍ୟକ ପ୍ରାକ୍ତନ ଛାତ୍ର ଉପସ୍ଥିତ ଥିଲେ। ଡ଼ିସେମ୍ବର ୨୮ରେ ଉତ୍ସବ ପାଳନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର, ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ଜିଲା ଶିକ୍ଷାଧିକାରୀ ଡ. ସନାତନ ପଣ୍ଡା, ସୁବାସ ରଥ, ବସନ୍ତ କୁମାର ପଣ୍ଡା, ଡ. ଅନନ୍ତ ରାମ କରଙ୍କୁ ଏହି ଉତ୍ସବରେ ଅତିଥି ଭାବେ ନିମନ୍ତ୍ରଣ କରାଯିବ ବୋଲି ସ୍ଥିର ହୋଇଥିଲା। ଶତବାର୍ଷିକୀ କମିଟି ସଭାପତି ରବି ରଥ, ଦଣ୍ଡପାଣି ସାହୁ, ସତ୍ୟନାରାୟଣ ରଥ, ଦେବୀ ପ୍ରସାଦ ରଥ, ପ୍ରଧାନ ଶିକ୍ଷକ ମନୋଜ କୁମାର ଦଳାଇ, ରାମକୃଷ୍ଣ ଗୌଡ, ସୁଶାନ୍ତ କର, ପବିତ୍ର ଚୌଧୁରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ମଙ୍ଗଳବାର, ନଭେମ୍ବର ୧୨/୨୦୧୯ Berhampur, Tuesday, November 12/ 2019


## ସଂକ୍ଷେପରେ

### ବାଇକ୍ ମୁହାଁମୁହିଁ, ଜଣେ ମୃତ

ଶେରଗଡ଼, ୧୧।୧୧ (ଡି.ଏନ୍.ଏ.)- ଶେରଗଡ଼ ବ୍ଲକ ଧବଳପୁର ଷୋଳଶଳା ଗ୍ରାମ ରାସ୍ତାରେ ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ୨ ବାଇକ ମଧରେ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଡ଼ଗଡ଼ ଥାନା ଖାରିପଲ୍ଲି ଗ୍ରାମର ସରୋଜ କୁମାର ସ୍ୱାଇଁ। ଅନ୍ୟଜଣେ ଗୁରୁତର ଆହତ ହୋଇଥିବାବେଳେ ତାଙ୍କ ପରିଚୟ ମିଳିପାରିନାହିଁ। ସରୋଜ ତାଙ୍କ ବାଇକ ଯୋଗେ ଶେରଗଡ଼ ଆଡକୁ ଆସୁଥିବାବେଳେ ଶେରଗଡ଼ରୁ ହିଞ୍ଜିଳିକାଟୁ ପଟେ ଅନ୍ୟଜଣେ ବାଇକ ଯୋଗେ ଯାଉଥିଲେ। ଷୋଳଶଳା ରାସ୍ତାରେ ଉଭୟ ବାଇକ ମଧରେ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ସରୋଜଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟଜଣଙ୍କ ଶେରଗଡ଼ ଡାକ୍ତରଖାନାରେ ଚିକିତ୍ସା ଚାଲିଛି। ଶେରଗଡ଼ ଥାନା ଏଏସ୍ଆଇ ବିଷ୍ଣୁ ପ୍ରସାଦ ଦାଶ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରି ଥାନାକୁ ଆଣିବା ସହ ନଂ.୧୦୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

### ଶିକ୍ଷକଙ୍କୁ ଆକ୍ରମଣ ମାମଲା, ଅଭିଯୁକ୍ତ ଅଟକ

ଦିଗପହଣ୍ଡି,୧୧।୧୧(ଡି.ଏନ.ଏ.)- ଦିଗପହଣ୍ଡି ବ୍ଲକ ବମକୋଇ ଗାଁର ଶିକ୍ଷକ ରାଜେନ୍ଦ୍ର ସେଠୀଙ୍କୁ ଆକ୍ରମଣ ମାମଲାରେ କେ.ନୂଆଗାଁ ଥାନା ନୂଆପଡ଼ା ଫାଣ୍ଡି ପୋଲିସ ସୋମବାର ଜଣେ ଅଭିଯୁକ୍ତଙ୍କୁ ଅଟକ ରଖିଛି। ସେ ହେଲେ ଯୋଗିଆପଲ୍ଲୀ ଗାଁର ରବି ଓରଫ ରବୀନ୍ଦ୍ର ମଲ୍ଲିକ। ଶିକ୍ଷକ ଲିଜ ସୂତ୍ରରେ ରଖିଥିବା ବଗିଚାରୁ ରବି ବାଉଁଶ ଗଛ କାଟି ନେଇଥିଲେ। ଖବରପାଇ ରାଜେନ୍ଦ୍ର ରବିବାର ସନ୍ଧ୍ୟାରେ ଯୋଗିଆପଲ୍ଲୀ ଗାଁ ସ୍କୁଲ ନିକଟରେ ପହଞ୍ଚି ରବିଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲେ। ଏଥିରେ ଉତ୍ତେଜିତ ହୋଇ ରବି ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଶିକ୍ଷକଙ୍କ ସ୍ତ୍ରୀ ବିଷ୍ଣୁଙ୍କ ଏତଲା କ୍ରମେ କେ.ନୂଆଗାଁ ଥାନାରେ ନଂ. ୨୨୭/୧୯ରେ ଦଫା ୨୯୪/୩୨୩/୩୪୧/୫୦୬ ଅନୁଯାୟୀ ମାମଲା ରୁଜୁ କରାଯାଇଥିବା ଆଇଆଇସି ମାଧବାନନ୍ଦ ନାୟକ କହିଛନ୍ତି।

### ଆମ ପୋଲିସ ସମିତି ବୈଠକ

କ.ନୂଆଗାଁ,୧୧।୧୧(ଡି.ଏନ.ଏ.) କ.ନୂଆଗାଁ ଥାନାରେ ଥାନାଧିକାରୀ ଶ୍ରୀନିବାସ ସାସମଲଙ୍କ ଅଧକ୍ଷତାରେ ସୋମବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଚକ୍ରମଣି କହଁର, ଜିଲା ବିଜେଡି ସମ୍ପାଦକ କୃଷ୍ଣ ମୋହନ ପାଣିଗ୍ରାହୀ, ଓଆଇସି ପ୍ରକାଶ ଚନ୍ଦ୍ର ପ୍ରଧାନ, ସିର୍ଭିଗୁଡା ସରପଞ୍ଚ ବନମାଳୀ ପ୍ରଧାନ, ସାଇନପଡା ସରପଞ୍ଚ କୁମୁଦ ଚନ୍ଦ୍ର ମଲିକ, କଞ୍ଚାମେଣ୍ଡି ସରପଞ୍ଚ ସାଜିରା ପ୍ରଧାନଙ୍କ ସମେତ ଥାନା ଅଞ୍ଚଳରେ ଥିବା ୫ଟି ପଞ୍ଚାୟତର ବୁଦ୍ଧିଜୀବୀ ଓ ଜନସାଧାରଣ ଯୋଗ ଦେଇଥିଲେ। ଚୋର ମଦ ଚାଲାଣ, ବୁଲା ଗୋରୁଙ୍କ ପାଇଁ ଟ୍ରାଫିକ ସମସ୍ୟା ସୃଷ୍ଟି, ବେପାରୁଆ ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣା ଘଟୁଥିବାରୁ ସେଥିପ୍ରତି ଦୃଷ୍ଟିଦେବାକୁ ବୈଠକରେ ମତ ପ୍ରକାଶ ପାଇଥିଲା।

## ବଜ୍ରଗଡ଼ ପାହାଡ଼ରୁ ଅଚେତ ଅବସ୍ଥାରେ ଉଦ୍ଧାର କଲେ ଗ୍ରାମବାସୀ

# ନିଶା ଦେଇ ୩ ଯାତ୍ରୀଙ୍କଠାରୁ ଲୁଟ୍

ଭଞ୍ଜନଗର,୧୧।୧୧(ଡି.ଏନ.ଏ)

ଗଞ୍ଜାମ ଜିଲା ବେଲଗୁଣ୍ଠା ନିକଟସ୍ଥ ବଜ୍ରଗଡ଼ ଗ୍ରାମବାସୀ ସୋମବାର ପୂର୍ବାହ୍ନରେ ଗ୍ରାମ ନିକଟସ୍ଥ ପାହାଡ଼ ତଳୁ ୩ଜଣ ଯୁବକଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଭଞ୍ଜନଗର ହସ୍ପିଟାଲକୁ ପଠାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଚେତା ଫେରିଥିଲା। ସେମାନେ ହେଲେ ଗଣ୍ଡାଧାରର ଚନ୍ଦନ ନାୟକ ଓ ଚିକୁ ଗୌଡ଼ ଏବଂ କୁଶପଲ୍ଲୀର ବୁଲୁ ନାଇକ। ଅଟୋ ଚାଳକ ଚା'ରେ ନିଶାଦେଇ ସେମାନଙ୍କ ଠାରୁ ଟଙ୍କା, ମୋବାଇଲ ଫୋନ ସମେତ ଅନ୍ୟାନ୍ୟ ଜିନିଷ ଲୁଟି ନେଇଥିବା ସନ୍ଦେହ କରାଯାଉଛି। ଅଟୋ ଚାଳକଙ୍କୁ ପୋଲିସ ଠାବ କରିବା ପରେ ପ୍ରକୃତ ରହସ୍ୟ ଜଣାପଡ଼ିବ। ବେଲଗୁଣ୍ଠା ଫାଣ୍ଡି ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି। ଅପରପକ୍ଷେ ୩ ଯୁବକଙ୍କ ଚେତା ଫେରିବାପରେ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଇ ଦିଆଯାଇଛି।

ପ୍ରକାଶ ଯେ, ଚନ୍ଦନ ଓ ଚିକୁ ଭୁବନେଶ୍ୱରରେ କାମ କରନ୍ତି। ରବିବାର ରାତିରେ ସେମାନେ ବରମୁଣ୍ଡାରୁ ବସ୍ ଯୋଗେ ଭଞ୍ଜନଗର ଅଭିମୁଖେ ବାହାରିଥିଲେ। ସୁରଟରୁ ଆସିଥିବା ବୁଲୁ ମଧ୍ୟ ଉକ୍ତ ବସ୍‌ରେ ଭେଟ ହୋଇଥିଲେ। ୩ଜଣ ଯାକ ଜଗନ୍ନାଥପ୍ରସାଦ ନିକଟରେ ବସ୍‌ରୁ ଓହ୍ଲାଇବା କଥା। କୌଣସି କାରଣରୁ ଭଞ୍ଜନଗର ଅଭିମୁଖେ ଚାଲି ଆସିଥିଲେ। ଏହାପରେ ଭଞ୍ଜନଗର ବସ୍‌ଷ୍ଟାଣ୍ଡରେ ଜଣେ ଅଟୋ ଚାଳକଙ୍କ ସହ ୩ଜଣ କଥା ହୋଇଥିଲେ। ଅଟୋ ଚାଳକ ଓଡଗାଁ ଯାଉଥିବାବେଳେ ବାଟରେ ଛାଡିଦେବେ ବୋଲି କହିଥିଲେ। ଏହାପରେ ୩ଜଣ ଉକ୍ତ ଅଟୋରେ ବସି ଜଗନ୍ନାଥପ୍ରସାଦ ଅଭିମୁଖେ ଆସିଥିଲେ। ବେଲଗୁଣ୍ଠାରେ ସେମାନେ ଚା' ପିଇବାକୁ ଅଟକିଥିଲେ। ଚା' ପିଇ ପୁଣି ଅଟୋରେ ବସିଥିଲେ। କିଛିସମୟ ପରେ ସେମାନେ ସଂଜ୍ଞାହୀନ ହୋଇପଡିଥିଲେ। ଏହାପରେ ଅଟୋ ଚାଳକ ସେମାନଙ୍କୁ ବଜ୍ରଗଡ଼ ପାହାଡ଼ ନିକଟରେ ଶୁଆଇଦେଇ ସେମାନଙ୍କଠାରୁ ୧୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ସମେତ ଅନ୍ୟାନ୍ୟ ଜିନିଷ ନେଇ ଯାଇଥିବା କହିଛନ୍ତି। ସୋମବାର ପୂର୍ବାହ୍ନ ପ୍ରାୟ ୯ଟାରେ ବଜ୍ରଗଡ଼ର ଜଣେ ବ୍ୟକ୍ତି ପାହାଡ଼ ରାସ୍ତାରେ ଯାଉଥିବାବେଳେ ୩ଜଣ ପଡିଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ।



ଅସୁସ୍ଥଙ୍କ ଚିକିତ୍ସା ଚାଲିଛି।

## ଜଗନ୍ନାଥପୁର, ଆମ୍ବପୁଆ ଓଭରବ୍ରିଜ୍ ନିର୍ମାଣରେ ବିଳମ୍ବ

# ଅଟକୁଛି ଶତାଧିକ ଗାଡ଼ି, ଉପୁଜୁଛି ଟ୍ରାଫିକ୍ ସମସ୍ୟା

ଛତ୍ରପୁର,୧୧।୧୧(ଡି.ଏନ.ଏ.)

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତ ଜଗନ୍ନାଥପୁର ଓ ବ୍ରହ୍ମପୁର ଉପକଣ୍ଠ ରେଲୱେ ଲେଭଲ କ୍ରସିଂ ଫାଟକ ଦେଇ ଦୈନିକ ଶତାଧିକ ଗାଡି ଯିବା ଆସିବା କରୁଛି। ଟ୍ରେନ୍ ଯିବା ଆସିବା ସମୟରେ ଏହି ଫାଟକ ବାରମ୍ବାର ବନ୍ଦ ରହୁଛି, ଫଳରେ ଶତାଧିକ ଗାଡି ଉଭୟ ପାର୍ଶ୍ୱରେ ଅଟକିବାକୁ ପଡୁଛି । ଏଥିପାଇଁ ଟ୍ରାଫିକ ସମସ୍ୟା ଉପୁଜିବା ସହ ସମୟ ନଷ୍ଟ ହେଉଛି । ଏହାର ସମାଧାନ ପାଇଁ ଉକ୍ତ ୨ଟି ସ୍ଥାନରେ ରେଲୱେ ଓଭରବ୍ରିଜ୍ ନିର୍ମାଣ ପାଇଁ ସ୍ଥିର ହୋଇଥିଲା । ଏହାର ଭିତ୍ତିପ୍ରସ୍ତର ସ୍ଥାପନର ୧୦ ମାସ ବିତିଯାଇଥିଲେ ହେଁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନି । ଫଳରେ ଲୋକେ ହନ୍ତସନ୍ତ ହେଉଛନ୍ତି।

ପ୍ରକାଶଯେ, ଚଳିତ ବର୍ଷ ୨୭ ତାରିଖରେ ଜଗନ୍ନାଥପୁର ଓ ଆମ୍ବପୁଆରେ ଗୋଟିଏ ଲେଖାଏ ରେଲୱେ ଓଭରବ୍ରିଜ୍ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ତତ୍କାଳୀନ ବ୍ରହ୍ମପୁର ଏମ୍‌ପି, ଗୋପାଳପୁର ଓ ଛତ୍ରପୁର ବିଧାୟକଙ୍କ ସମେତ ଅନ୍ୟ ବିଧାୟକ, ଜିଲା ପରିଷଦ ଅଧକ୍ଷ ଓ ଉପାଧକ୍ଷା, ବ୍ଲକ ଅଧକ୍ଷ ଓ ଉପାଧକ୍ଷାଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଉକ୍ତ ୨ ରେଲୱେ ଓଭରବ୍ରିଜ୍ ନିର୍ମାଣ ହେଲେ ଲୋକଙ୍କ ଯିବା ଆସିବାରେ ସୁବିଧା ହେବ ବୋଲି କୁହାଯାଇଥିଲା । ମାତ୍ର ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉ ନ ଥିବାରୁ କେବେ ଏହା କାର୍ଯ୍ୟକ୍ଷମ ହେବ ସେନେଇ ଅନିଶ୍ଚିତତା ଦେଖାଦେଇଛି । ପୂର୍ତ୍ତ ବିଭାଗ ଓ ରେଲୱେ ପକ୍ଷରୁ ମିଳିତ ଭାବେ ଏହି ରେଲୱେ ଓଭରବ୍ରିଜ୍ ନିର୍ମାଣ ପାଇଁ ସ୍ଥିର ହୋଇଥିଲା। ବ୍ରହ୍ମପୁର-ପୁରୁଷୋତ୍ତମପୁର-ବେଗୁନିଆପଡା ମୁଖ୍ୟ ରାସ୍ତା ଯୋଗୁ ବହୁ ଗାଡି ଯିବା ଆସିବା କରୁଥିବା ବେଳେ କଲେଜ ବସ୍ ମଧ ଯାତାୟାତ କରୁଛି । ଉକ୍ତ ୨ରେଲୱେ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ସାଧାରଣରେ ଦାବି ହେଉଛି।

# ସ୍ୱଚ୍ଛ ନିର୍ମଳ ବେଳାଭୂମି ଅଭିଯାନ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ ଓ ଅନ୍ୟଅଧିକାରୀ ସହ ଛାତ୍ରୀଛାତ୍ର।

ଗୋପାଳପୁର/ଚିକିଟି(ଡି.ଏନ୍.ଏ.),୧୧।୧୧ ବେଳାଭୂମିକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚାଲୁ ରହିଛି ସଫେଇ ଅଭିଯାନ। ଏହି ପରିପ୍ରେକ୍ଷୀରେ ସୋମବାର ସ୍ୱଚ୍ଛ ନିର୍ମଳ ବେଳାଭୂମି ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଚ୍ଚ ପଦାଧିକାରୀ ଓ ଛାତ୍ରୀଛାତ୍ରମାନେ ଗୋପାଳପୁର ବେଳାଭୂମି ସଫେଇ କରିଥିଲେ। ପୂର୍ବାହ୍ନ ୧୧ଟାରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ, ରଙ୍ଗେଇଲୁଣ୍ଡା ବିଡିଓ କୁମାର ନାଗଭୂଷଣ ଯୋଗ ଦେଇଥିଲେ। ଏହି ଅବସରରେ ଜିଲାପାଳ କହିଥିଲେ, ପରିବେଶ ଓ ବେଳାଭୂମି ସଫା ରଖିଲେ ବିଭିନ୍ନ ଦେଶର ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବ। ଛାତ୍ରୀଛାତ୍ରମାନେ ଶୃଙ୍ଖଳା ଓ ଅଙ୍ଗୀକାରବଦ୍ଧ ହୋଇ କାର୍ଯ୍ୟ କଲେ ଭବିଷ୍ୟତରେ ସୁନ୍ଦର ଓଡ଼ିଶା ଗଠନରେ ସହାୟକ ହୋଇପାରିବ ବୋଲି ସେ ମତ ଦେଇଥିଲେ । ଏଥିରେ ଗୋପାଳପୁର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ, ଜିଲା ଶିକ୍ଷାଧିକାରୀ ସନାତନ ପଣ୍ଡା, ବ୍ଲକ ଶିକ୍ଷାଧିକାରୀ ଡ. ପ୍ରଭାପତି ମହାପାତ୍ର, ଇକୋ କ୍ଲବର ସଂଯୋଜକ ଡ. ଶଙ୍କର ନାରାୟଣ ବେଜ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମଧାହ୍ନରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ସୋନପୁର ବେଳାଭୂମିର ସଫେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲୁରହିବ ବୋଲି କହିଛନ୍ତି। ସେ ସ୍ୱଚ୍ଛ ଭାରତ ଅଭିଯାନର ଏକ ବାର୍ତ୍ତା ଦେବା ସହ ପୋତିହୋଇ ଯାଉଥିବା ସୁନୁପୁର ବେଳାଭୂମିର ପୁନଃଉଦ୍ଧାର ଏକାନ୍ତ ଅପରିହାର୍ଯ୍ୟ ବୋଲି ମତ ଦେଇଥିଲେ।

# ସୁରଜଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା




ସୁରଜଙ୍କ ସ୍ମୃତି ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା।

ଭଞ୍ଜନଗର,୧୧।୧୧(ଡି.ଏନ.ଏ)

ସୁରଟରେ ରାସ୍ତା ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ସୁରଜ ସେଠୀଙ୍କ ଶରୀରକୁ ତାଙ୍କ ବାପା ବାବୁଲି ମେଡ଼ିକାଲକୁ ଦାନ କରି ଦେଇଥିଲେ। ଏହାଦ୍ୱାରା ଆଉ ୬ ଜଣ ନୂଆ ଜୀବନ ପାଇଥିଲେ। ସୁରଜ ଦୁନିଆରେ ଚାଲିଗଲେ ସତ କିନ୍ତୁ ତାଙ୍କ ବାପା ଯେଉଁ ମହାନତା ଦେଖାଇଲେ ତାହା ସମାଜ ପାଇଁ ଉଦାହରଣ। ସୁରଜଙ୍କ ସ୍ମୃତି ଉଦ୍ଦେଶ୍ୟରେ ଭଞ୍ଜନଗର ବ୍ଲକ ଯୋଗିମାରୀ ବିବେକାନନ୍ଦ ଯୁବକ ସଂଘ ପକ୍ଷରୁ ସୋମବାର ସନ୍ଧ୍ୟାରେ ଗ୍ରାମରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ହୋଇଥିଲା। ଶୋଭାଯାତ୍ରାର ନେତୃତ୍ୱ ରତ୍ନେଶ୍ୱର ସେଠୀ ନେଇଥିଲେ। ନିଲୁ ବିଷୋୟୀ, ସୁନିଲ ପ୍ରଧାନ, ଭୋଳ ନାୟକ, ସନାତନ ବିଷୋୟୀ, ପ୍ରଦୀପ ନାୟକ, ସଞ୍ଜୟ ପ୍ରଧାନ, ଅକ୍ଷୟ ପ୍ରଧାନ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

### ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ଏଥିସହ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ବାପା ବାବୁଲି ଓ ପରିବାର ଲୋକେ ସୋମବାର ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ସହାୟତାରେ ନବୀନ ନିବାସ ଯାଇଥିଲେ। ସେଠାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି। ମୁଖ୍ୟମନ୍ତ୍ରୀ ୫ଲକ୍ଷ ଟଙ୍କା ସହାୟତା ସହ ଘର ଓ ଜାଗା ଯୋଗାଇ ଦେବାକୁ ଘୋଷଣା କରିଛନ୍ତି। ଏନେଇ ସୁରଜଙ୍କ ଦାଦା କୋକୋ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ଆରୁଖଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟଯେ ଭଞ୍ଜନଗର ସହରତଳି ଛେଦାଭୂମି ରୋଡ଼ ବାସିନ୍ଦା ବାବୁଲି ୨୫ବର୍ଷ ହେବ ସୁରାଟରେ ରହି କାମ କରିଥିଲେ। ତାଙ୍କ ପୁଅ ସୁରଜ ମଧ ସେଠାରେ କାମ କରୁଥିଲେ। ଗତ ୨୯ରେ ଏକ ରାସ୍ତା ଦୁର୍ଘଟଣାରେ ସୁରଜ କୋମାକୁ ଚାଲି ଯାଇଥିଲେ। ବଞ୍ଚିବା ଆଶା ନଥିଲା, ମାତ୍ର ଶରୀରର ଅଙ୍ଗପ୍ରତ୍ୟଙ୍ଗ କାମ କରୁଥିଲା। ଡ଼ାକ୍ତର ଓ ଅନ୍ୟମାନେ ବାପା ବାବୁଲିଙ୍କୁ ଅଙ୍ଗଦାନ ପାଇଁ ପରାମର୍ଶ ଦେଇଥିଲେ। ବାବୁଲି ସହମତି ପ୍ରକାଶ କରିବାପରେ ସୁରଜଙ୍କ ଶରୀରର ୬ଟି ଅଙ୍ଗ ବାହାର କରାଯାଇ ଆଉ ୬ଜଣଙ୍କ ଶରୀରରେ ରୋପଣ କରାଯାଇଥିଲା। ସେଠାରେ ସୁରଜଙ୍କ ସଂସ୍କାର କରି ବାବୁଲି ଓ ପରିବାରର ଅନ୍ୟ ସଦସ୍ୟମାନେ ଗ୍ରାମକୁ ଶୁଦ୍ଧିକ୍ରିୟା ପାଇଁ ଆସିଥିଲେ।

## ଛତ୍ରପୁର ହସ୍ପିଟାଲ ପରିଦର୍ଶନ କଲେ ଉପଜିଲାପାଳ

ଛତ୍ରପୁର,୧୧।୧୧(ଡି.ଏନ.ଏ)- ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ସୋମବାର ଅଚାନକ ସ୍ଥାନୀୟ ହସ୍ପିଟାଲ ପରିଦର୍ଶନ କରିଥିଲେ। ବିଭିନ୍ନ ବିଭାଗ, ୱାର୍ଡ ପରିଦର୍ଶନ କରି ରୋଗୀଙ୍କ ସହ ଆଲୋଚନା କରିଥିଲେ । ହସ୍ପିଟାଲ ପରିସରରେ ଚାଲିଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟ ମଧ ଉପଜିଲାପାଳ ବୁଲି ଦେଖିଥିଲେ। ପରିମଳ ଓ ସଫେଇ ବ୍ୟବସ୍ଥାର ମଧ ସେ ଅନୁଧାନ କରଛନ୍ତି। ଏହାର ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଇଛି। ହସ୍ପିଟାଲରେ ଥିବା ଡ୍ରେନ୍ ର ମଧ ଅନୁଧାନ କରାଯାଇଥିଲା। ଡାକ୍ତର ଓ ନର୍ସଙ୍କ ମଧ ସେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଉପଜିଲାପାଳଙ୍କ ପରିଦର୍ଶନ ବେଳେ ଡା. ଜିତେନ୍ଦ୍ର ମୋହନ ବେବର୍ତ୍ତା ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## ମୋ ହସ୍ପିଟାଲ ମୋ ଗର୍ବ କାର୍ଯ୍ୟକ୍ରମ

ଖଲ୍ଲିକୋଟ,୧୧।୧୧(ଡି.ଏନ.ଏ.) ଖଲ୍ଲିକୋଟ ବ୍ଲକ କହ୍ନେଇପୁର ପଞ୍ଚାୟତରେ ଥିବା କହ୍ନେଇପୁର ହସ୍ପିଟାଲରେ ସୋମବାର ମୋ ହସ୍ପିଟାଲ ମୋ ଗର୍ବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରବି ନାରାୟଣ ପାଢ଼ୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କହ୍ନେଇପୁର ସରପଞ୍ଚ ପ୍ରତିନିଧି ପ୍ରଫୁଲ୍ଲ କୁମାର ସାହୁ, ଫାର୍ମାସିଷ୍ଟ ପ୍ରଭାସ ଚନ୍ଦ୍ର ମହାପାତ୍ର, ଏଲ୍‌ଏଚ୍‌ଭି ଜ୍ୟୋତ୍ସ୍ନାରାଣୀ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। କହ୍ନେଇପୁର ମେଡିକାଲର ଉନ୍ନତି ପାଇଁ ଆଲୋଚନା ହୋଇଥିଲା। ଏଥିରେ ବହୁ ଆଶାକର୍ମୀ, ଏଏନ୍‌ଏମ୍ ଉପସ୍ଥିତ ଥିଲେ। ପରେ ମେଡିକାଲ ପରିସରରେ ଚାରାରୋପଣ କରାଯାଇଥିଲା।

## ବାଲି ବୋଝେଇ ଟ୍ରକ ଧକ୍କାରେ କଲେଜ ଛାତ୍ରୀଙ୍କ ମୃତ୍ୟୁ

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ପୁରୁଷୋତ୍ତମପୁର, ୧୧।୧୧(ଡି.ଏନ୍.ଏ.)

ବ୍ରହ୍ମପୁର ପୁରୁଷୋତ୍ତମପୁର ମୁଖ୍ୟରାସ୍ତାର ରଣଖାଲି ନିକଟସ୍ଥ ଋଷିକୁଲ୍ୟା ନଦୀ ବ୍ରିଜ ଉପରେ ସୋମବାର ବାଲିବୋଝେଇ ଟ୍ରକ ଧକ୍କାରେ ଜଣେ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରଣଖାଲି ଗାଁର କେ.ଭାଗିରଥି ଦୋରାଙ୍କ ଝିଅ କେ.ତୃପ୍ତି। ପୋଲିସ ନଂ. ୨୭୮/୧୯ରେ ମାମଲା ରୁଜୁ କରି ଚାଳକଙ୍କୁ ଅଟକ ରଖିବା ସହ ଟ୍ରକୁ ଜବତ କରିଛି। ଏ ନେଇ ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇ ମୁଖ୍ୟରାସ୍ତା ଅବରୋଧ କରିଥିଲେ।

ବାଲି ଟ୍ରକ ଯୋଗୁ ଅଞ୍ଚଳରେ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ତେଣୁ ଏଥିପ୍ରତି ଦୃଷ୍ଟି ଦେଇ ମୃତକ ପରିବାରକୁ କ୍ଷତିପୂରଣ ଲାଗି ଦାବି କରିଥିଲେ। ପୁରୁଷୋତ୍ତମପୁର ଏସ୍‌ଡିପିଓ ସୀମା ସ୍ୱାଇଁ, ଆଇଆଇସି ଜଗନ୍ନାଥ ମଲ୍ଲିକ, ତହସିଲଦାର ଅରୁଣ କୁମାର ନାୟକ ପ୍ରମୁଖ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଉକ୍ତ ଦାବିଗୁଡ଼ିକ ପ୍ରତି ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ସହ ମୃତକଙ୍କ ପରିବାରକୁ ରେଡକ୍ରସ ପକ୍ଷରୁ ତହସିଲଦାର ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିସହ ବାଲି ନିଲାମଧାରି ୨ ଲକ୍ଷ ୫୦ ହଜାର ଟଙ୍କା ଓ ଗାଡି ମାଲିକ ୫୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଚୁକ୍ତି କରିବା ପରେ ରାସ୍ତାରୋକୋ ହଟିଥିଲା। ଆନ୍ଦୋଳନ ଯୋଗୁ ୩ ଘଣ୍ଟା ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ମୋଟର ଅଟକି ରହିଥିଲା। ପ୍ରକାଶ ଯେ, ତୃପ୍ତି ନରେନ୍ଦ୍ରପୁର କ୍ଷେତ୍ରମୋହନ ବିଜ୍ଞାନ ମହାବିଦ୍ୟାଳୟରେ ଯୁକ୍ତ ତିନି ପ୍ରଥମ ବର୍ଷ କଳାରେ ପଢୁଥିଲେ। ଅପରାହ୍ନରେ ସେ ତାଙ୍କର ମାମୁଁ ଝିଅ ଭଉଣୀ ଏସ୍. ବର୍ଷାଙ୍କ ସହ ମିଶି ନିଜ ନିଜ ସାଇକେଲରେ ପୁରୁଷୋତ୍ତମପୁରରୁ ଘରକୁ ଫେରିବା ବେଳେ ଋଷିକୁଲ୍ୟା ବ୍ରିଜ ଉପରେ ବାଲି ବୋଝେଇ ଟ୍ରକ ତୃପ୍ତିଙ୍କ ସାଇକେଲ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତୃପ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ବର୍ଷା ଅଳ୍ପକେ ବର୍ତ୍ତି ଯାଇଥିଲେ।



ରାସ୍ତା ଅବରୋଧ କରାଯାଇଛି ।

# ଆନ୍ତଃ କଲେଜ ଭାରୋତ୍ତୋଳନ

ବୁଗୁଡ଼ା,୧୧।୧୧(ଡି.ଏନ.ଏ.)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ତରଫରୁ ବୁଗୁଡ଼ା ପିପୁଲସ କଲେଜ ସହଯୋଗରେ ସ୍ଥାନୀୟ ପିପୁଲସ୍ ହାଇସ୍କୁଲ ପରିସରରେ ରବିବାର ୫୨ତମ ଆନ୍ତଃ କଲେଜ ମହିଳା ଓ ପୁରୁଷ ଭାରୋତ୍ତୋଳନ ପ୍ରତିଯୋଗିତା ସହ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପ୍ରତିଯୋଗୀମାନେ କ୍ରୀଡ଼ା ମଶାଲ ଧରି ସ୍ଥାନୀୟ ବଳଦେବ ସ୍ୱାମୀ ମନ୍ଦିରରୁ ବାହାରି ପଡ଼ିଆରେ ପହଞ୍ଚିଥିଲେ। ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀକାନ୍ତ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କଲେଜ ଅଧକ୍ଷ ରଜନୀକାନ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଧାୟକଙ୍କ ସମେତ ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଫେସର ଡ଼. ସୁବାସ ଚନ୍ଦ୍ର ପରିଡ଼ା ଓ ସମ୍ମାନିତ ଅତିଥି ଅନ୍ତର୍ଜାତୀୟ କୋଚ୍ ସୀତା ପ୍ରସାଦ ପଟ୍ଟନାୟକ, ବିଶ୍ୱବିଦ୍ୟାଳୟ ପିଇଓ ରବି ଚରଣ ମିଶ୍ର, କାର୍ଯ୍ୟକାରୀ ସଭ୍ୟ ଟି. ଶିବାନନ୍ଦ ବର୍ମା, ରାଜ୍ୟ କ୍ରୀଡ଼ା ଶିକ୍ଷକ ସଂଘ ସଭାପତି ସଚ୍ଚିଦାନନ୍ଦ ଦାଶ, ବ୍ରହ୍ମପୁର ଷ୍ଟାଡିୟମ କୋଚ୍ ସୀତା ଜେନା, ଅନ୍ତର୍ଜାତୀୟ ରେଫରି ନାରାୟଣ ସାହୁ ଓ ରମେଶ ପାଢ଼ୀ ପ୍ରମୁଖ ଯୋଗଦେଇ କ୍ରୀଡ଼ାର ଆବଶ୍ୟକତା ଓ ଉପକାରିତା ବିଷୟରେ ବକ୍ତବ୍ୟ ପ୍ରଦାନ କରି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଭାରୋତ୍ତୋଳନ ମହିଳା ପ୍ରତିଯୋଗିତାର ୪୯ କେଜିରେ ବୁଗୁଡ଼ା ପିପୁଲସ କଲେଜର ପ୍ରମିଳା କ୍ରିଷାଣୀ, ୫୫ କେଜି ଉତ୍ତୋଳନରେ ସିଟି କଲେଜର ରଶ୍ମିତା କୁମାରୀ ମହାରଣା, ୬୪ କେଜି ଉତ୍ତୋଳନରେ ସିଟି କଲେଜର ଅର୍ଚ୍ଚନା କୁମାରୀ ଗୌଡ଼, ୮୭ କେଜିରେ ଚିକିଟି କଲେଜର ବନୀତା ଘଡ଼େଇ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ସେହିପରି ଭାରୋତ୍ତୋଳନ ପ୍ରତିଯୋଗିତାର ପୁରୁଷ ବିଭାଗର ୫୫ କେଜିରେ ସିଟି କଲେଜ ବ୍ରହ୍ମପୁରର ବଳରାମ ନାୟକ, ୬୧ କେଜି ଉତ୍ତୋଳନରେ ସିଟି କଲେଜର ମାନସ ରଞ୍ଜନ ନାୟକ, ୬୭ କେଜିରେ ସିଟି କଲେଜର ଶିବ ଶଙ୍କର ଗନ୍ତାୟତ, ୭୩ କେଜିରେ ଚିକିଟି କଲେଜର ମନୋଜ କୁମାର ସାହୁ, ୮୧ କେଜି ଉତ୍ତୋଳନରେ ପିପୁଲସ କଲେଜର ବାପୁଜୀ ବିଶ୍ୱାଳ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ସେହିପରି ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସିଟି କଲେଜ ବ୍ରହ୍ମପୁରର ସୁମିତ ମହାପାତ୍ର କୃତିତ୍ୱ ହାସଲ କରି ବିଶ୍ୱବିଦ୍ୟାଳୟ ଶ୍ରୀ ଉପାଧିରେ ସମ୍ମାନିତ ହୋଇ ପୁରସ୍କୃତ ହୋଇଛନ୍ତି। ପ୍ରତିଯୋଗିତା ପରିଚାଳନାରେ କ୍ରୀଡ଼ା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର, ଅକ୍ଷୟ କୁମାର ସାହୁ, ଭଗବାନ ସ୍ୱାଇଁ, ଡ଼. ପ୍ରଦୀପ କୁମାର ଦାଶ ଓ ରାମକୃଷ୍ଣ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ୧୫ କଲେଜର ପ୍ରତିଯୋଗୀ ଭାଗ ନେଇଥିଲେ ।




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

### ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ